ରେସିକ୍ ଅଟୋ ଷ୍ଟୋର୍ ଏବଂ ଅନ୍ୟମାନେ
ବନାମ
ନବିନ୍ ବନାମ ହାଣ୍ଡୋଦକର୍ ଏବଂ ଅନ୍ୟଜଣେ
ନଭେମ୍ବର 10,1998
[ଏସ୍.ବି. ମଜମୁଦାର ଏବଂ ଏମ୍. ଜଗନ୍ନାଧ ରାଓ, ନ୍ୟାୟମୂର୍ତ୍ତିଦ୍ୱୟ]

ସି.ପି. ଏବଂ ବେରାର ଭଡ଼ା ନିୟନ୍ତ୍ରଣ ଆଦେଶ, 1949: ଖଣ୍ଡ 13(3)(vi) – ଜମି ମାଲିକଙ୍କ ନିମିତ୍ତ ସୁଯୋଗ – ଭଡାଟିଆଙ୍କ ବିରୁଦ୍ଧରେ ବହିଷ୍କାର ପାଇଁ ମକଦ୍ଦମା – ପ୍ରକୃତ ଆବଶ୍ୟକତାର କାରଣ– ଭଡାଟିଆଙ୍କ ଆବେଦନ ଯେ, ଘରମାଲିକଙ୍କର ସହରରେ ଅନ୍ୟ ଏକ ଘର ଅଛି– ରକ୍ଷଣାବେକ୍ଷଣ – ଘରମାଲିକ ଏବଂ ତାଙ୍କ ପତ୍ନୀ ଉଭୟ ଡାକ୍ତର ଭାବରେ କାର୍ଯ୍ୟ କରୁଛନ୍ତି – ଏକ କୋଠାରେ ଅବସ୍ଥିତ ମକଦ୍ଦମା ପରିସର ଯେଉଁଠାରେ ଅନ୍ୟ ଅଂଶରେ ଉତ୍ତରଦାତା – ଘରମାଲିକ ତାଙ୍କର କ୍ଲିନିକ୍ ଚଳାନ୍ତି – ଉକ୍ତ କ୍ଲିନିକ୍ ସମ୍ପ୍ରସାରଣ ପାଇଁ ସେ ମକଦ୍ଦମା ପରିସର ଆବଶ୍ୟକ କରନ୍ତି - ଭଡ଼ା ନିୟନ୍ତ୍ରକ ଏବଂ ଅପିଲ ନ୍ୟାୟାଳୟ ଦ୍ୱାରା ନଥିଭୁକ୍ତ କରାଯାଇଥିବା ନିର୍ଣ୍ଣୟ ଯେ, କୋଠାରେ ପ୍ରତିବାଦୀ-ଘରମାଲିକଙ୍କ ପାଖରେ ଉପଲବ୍ଧ ବାସସ୍ଥାନ ଘରମାଲିକ ଭାବରେ ଦୁଇଜଣ ଡାକ୍ତରଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ - ଉଚ୍ଚ ନ୍ୟାୟାଳୟ ଦ୍ୱାରା ଗ୍ରହଣ କରାଯାଇଥିବା ତଥ୍ୟ ଉପରେ ନିର୍ଣ୍ଣୟ - ମାମଲାକୁ ପୁନଃ ପ୍ରେରଣରେ ନେବାର କୌଣସି ଆବଶ୍ୟକତା ନାହିଁ – ଭଡ଼ାଟିଆଙ୍କ ଆବେଦନ ଖାରଜ ।

ବୁର୍ଗୁ ଜଗଦେଶ୍ୱରାୟା ଆଣ୍ଡ ସନ୍ସ ବନାମ ପୁଷ୍ପ ଟ୍ରେଡିଂ କମ୍ପାନୀ, [1998] 5 SCC 572ରେ ହୋଇଥିବା ନିଷ୍ପତ୍ତିକୁ ଉଦ୍ଧାର କରାଯାଇଛି ।

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର : ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା 16221/1998

ଏଲ୍.ପି.ଏ. ସଂଖ୍ୟା 33/1997 ରେ ବମ୍ବେ ଉଚ୍ଚନ୍ୟାୟାଳୟର17.06.98 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ଭି.ଏନ୍.ଗାନପୁଲେ (ଏ.ପି.ମୟୀ) ଏବଂ ଏ.ଏମ୍. ଖାନୱିଲକର । ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା :

ଆମେ ଆବେଦନକାରୀମାନଙ୍କ ପାଇଁ ବିଜ୍ଞ ବରିଷ୍ଠ ଅଧିବକ୍ତାଙ୍କୁ ଶୁଣିଛୁ । ତାଙ୍କର ଏକମାତ୍ର ଯୁକ୍ତି ଥିଲା ଯେ ସି.ପି. ଏବଂ ବେରାର ଭଡ଼ା ନିୟନ୍ତ୍ରଣ ଆଦେଶ, 1949 ର ଖଣ୍ଡ 13 (3) (vi) ଅନୁଯାୟୀ, ମକଦ୍ଦମା ପରିସରର ଦଖଲ ପାଇଁ ଦାୟର ମାମଲା ବିଫଳ ହୋଇପାରେ କାରଣ ଜମିଦାରଙ୍କର ମକଦ୍ଦମା ପରିସରର ସଂଲଗ୍ନ ଅଂଶରେ ଅନ୍ୟ ଘର ଅଛି । ଉକ୍ତ ବ୍ୟବସ୍ଥାଟି ନିମ୍ନରେ ଦିଆଗଲା :-

13. ( 3) ପକ୍ଷମାନଙ୍କ କଥା ଶୁଣିବା ପରେ ଯଦି ନିୟନ୍ତ୍ରକ ସନ୍ତୁଷ୍ଟ ହୁଅନ୍ତି -

( i) ...............................

(ii) ...............................

(iii) ...............................

(iv) ...............................

( v) ...............................

(vi)ଏବଂ ଏହା ଯେ, ଭୂସ୍ୱାମୀ ତାଙ୍କର ପ୍ରକୃତ ଦଖଲ ପାଇଁ ପରିସର କିମ୍ବା ଏହାର ଏକ ଅଂଶ ଆବଶ୍ୟକ କରନ୍ତି, ଯଦି ସେ ସମ୍ପୃକ୍ତ ନଗର କିମ୍ବା ସହରରେ ତାଙ୍କର ଅନ୍ୟ କୌଣସି ପରିସର ଦଖଲ କରୁନାହାଁନ୍ତି; କିମ୍ବା "

ଆବେଦନକାରୀଙ୍କ ପକ୍ଷରୁ ବିଜ୍ଞ ବରିଷ୍ଠ ଅଧିବକ୍ତା ନିଜ ଯୁକ୍ତିରେ ଠିକଭାବେ  କହିଛନ୍ତି ଯେ, ଯଦି ଉପରୋକ୍ତ ଧାରାଟିକୁ ବାସ୍ତବ ଭାବରେ ପଢ଼ାଯାଏ, ଏହା ସୂଚାଇବ ଯେ, ଯେତେବେଳେ ଏହା ଦେଖାଯାଏ, ଘରମାଲିକ ସହରରେ ତାଙ୍କର ଅନ୍ୟ କୌଣସି ପରିସର ଦଖଲ କରୁଛନ୍ତି, ସେତେବେଳେ ଘରମାଲିକଙ୍କ ପ୍ରକୃତ ଆବଶ୍ୟକତା ପାଇଁ ତାଙ୍କର ମକଦ୍ଦମା କେବେବି ଗ୍ରହଣ କରାଯାଇପାରିବ ନାହିଁ ଏବଂ ସହରରେ ଘରମାଲିକଙ୍କ ଅନ୍ୟ ପରିସର ଅଛି ବୋଲି ନଥିରେ ସ୍ଥାପନ କରିବା ବ୍ୟତୀତ ଆଉ କିଛି ପ୍ରଦର୍ଶନ କରିବାର ଆବଶ୍ୟକତା ନାହିଁ । ଏହା ବିବାଦର ବିଷୟ ନୁହେଁ ଯେ, ମକଦ୍ଦମା ପରିସର ଏପରି ଏକ କୋଠାରେ ଅବସ୍ଥିତ ଯେଉଁଠାରେ ଅନ୍ୟ ଅଂଶରେ ଉତ୍ତରଦାତା-ଘରମାଲିକ ତାଙ୍କର କ୍ଲିନିକ୍ ପରିଚାଳନା କରୁଛନ୍ତି ଏବଂ ତାଙ୍କର ଆବଶ୍ୟକତା ଉକ୍ତ କ୍ଲିନିକ୍ ସମ୍ପ୍ରସାରଣ ପାଇଁ ଅଟେ ଏବଂ ସେଥିପାଇଁ ତାଙ୍କୁ ମକଦ୍ଦମା ପରିସର ଆବଶ୍ୟକ । ବିଜ୍ଞ ବରିଷ୍ଠ ଅଧିବକ୍ତାଙ୍କର ଉପରୋକ୍ତ ଯୁକ୍ତିକୁ ଅଧିକ ଅନୁଧାନ କରିବାର ଆବଶ୍ୟକତା ରହିଥିଲା, କିନ୍ତୁ

ଯେହେତୁ, ବୁର୍ଗୁ ଜଗଦେଶ୍ୱରାୟା  ଆଣ୍ଡ ସନ୍ସ ବନାମ ପୁଷ୍ପା ଟ୍ରେଡିଂ କମ୍ପାନୀ, [1998] 5 SCC 572, ମାମଲାରେ ଏହି ନ୍ୟାୟାଳୟର 3 ଜଣିଆ ବିଚାରପୀଠ ଏକ ନିର୍ଣ୍ଣୟ ନେଇଛନ୍ତି, ଯାହା ସମାନ ବିବାଦକୁ ଖଣ୍ଡନ କରିଛି, ଏହା ଅନାବଶ୍ୟକ । ଉକ୍ତ ନିଷ୍ପତ୍ତିରେ ଆନ୍ଧ୍ରପ୍ରଦେଶ କୋଠା (ପଟ୍ଟା, ଭଡା ଏବଂ ଉଚ୍ଛେଦ) ନିୟନ୍ତ୍ରଣ ଆଇନ, 1960 ରେ ଦେଖାଯାଇଥିବା ଏକ ତତୁଲ୍ୟ ବ୍ୟବସ୍ଥା ଉପରେ ବିଚାର କରାଯାଇଛି, ଯେଉଁଠାରେ ଧାରା 10 (3) (a) (iii) ରେ ବ୍ୟବସ୍ଥା କରାଯାଇଛି ଯେ, ଜଣେ ଘରମାଲିକ ନିୟନ୍ତ୍ରକଙ୍କ  ନିକଟରେ ଏକ ଆଦେଶ ପାଇଁ ଆବେଦନ କରିପାରିବେ ଯାହା ଦ୍ୱାରା ଭଡ଼ାଟିଆଙ୍କୁ ନିର୍ଦ୍ଦେଶ ଦିଆଯାଇପାରିବ ଯେ, ଯଦି ଘରମାଲିକ ସମ୍ପୃକ୍ତ ସହର, ନଗର କିମ୍ବା ଗ୍ରାମରେ ଅନ୍ୟ କୌଣସି ଅଣ-ଆବାସିକ କୋଠାବାଡିରେ ବାସ କରୁନାହାଁନ୍ତି, ଯାହା ତାଙ୍କର ନିଜର କିମ୍ବା ଯାହାର ସେ ଏହି ଅଧିନିୟମ ଅନୁଯାୟୀ କିମ୍ବା ଅନ୍ୟଥା ଅଧିକାର ପାଇଛନ୍ତି, ତେବେ ତାଙ୍କୁ ତାଙ୍କର ଅଣଆବାସିକ କୋଠାର ଦଖଲ ଦେବେ । ଏପରି ଶବ୍ଦାର୍ଥ କରି, ରିପୋର୍ଟର ଅନୁଚ୍ଛେଦ 8ରେ ଏହା ନିମ୍ନରେ ଦର୍ଶାଯାଇଛି :-

> " କୋଠାର ଗୁଣବତ୍ତା, ଆକାର ଏବଂ ଉପଯୁକ୍ତତାର ଦିଗଗୁଡିକ ନିମ୍ନ ଅଦାଲତ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ବିଚାର ବାହାରେ । ଆମେ ଭାବୁଛୁ ଯେ ଏହା ଅଧିନିୟମର ଉଦ୍ଦେଶ୍ୟକୁ ବିଫଳ କରିବ । ଏଠାରେ ଘରମାଲିକଙ୍କ ଦ୍ୱାରା ଏକ ଦାବି କରାଯାଇଥିଲା ଯେ, ତାଙ୍କ ମାଲିକାନାରେ ଥିବା ଅଣ-ଆବାସିକ ପରିସର ଏକ ବସ୍ତ୍ର  ଏବଂ କପଡ଼ା ବ୍ୟବସାୟ ସ୍ଥାପନ କରିବାରେ ତାଙ୍କର ଆବଶ୍ୟକତା ପୂରଣ କରୁନାହିଁ ଏବଂ ଏହି ଆବଶ୍ୟକତା କେବଳ ଆବଶ୍ୟକୀୟ ପରିସରରୁ ଭଡାଟିଆଙ୍କୁ ବହିଷ୍କାର କରି ପୂରଣ କରାଯାଇପାରିବ।"

ଉକ୍ତ ଯୁକ୍ତିକୁ ଗ୍ରହଣ କରି, ଏହି  ନ୍ୟାୟାଳୟ ଏହି ଦିଗ ଉପରେ ଏକ ନିର୍ଣ୍ଣୟ ପାଇଁ ପୁନର୍ବିଚାର ପାଇଁ ପଠାଇଦେଇଥିଲେ ।

ବର୍ତ୍ତମାନର ମାମଲାର ତଥ୍ୟ ଦୃଷ୍ଟେ, ଭଡ଼ା ନିୟନ୍ତ୍ରକ ତଥା ଅପିଲ ନ୍ୟାୟାଳୟ  ଦ୍ୱାରା ଏକ ସ୍ପଷ୍ଟ ଫଳାଫଳ ନିର୍ଣ୍ଣୟ କରାଯାଇଛି ଯେ, ଘରମାଲିକ ଏବଂ ତାଙ୍କ ସ୍ତ୍ରୀ ଉଭୟେ ଡାକ୍ତରୀ କାର୍ଯ୍ୟ କରୁଥିବାରୁ, ଉତ୍ତରଦାତା - ଘରମାଲିକଙ୍କ ପାଖରେ କୋଠାରେ ଥିବା 300 ବର୍ଗଫୁଟ ବାସସ୍ଥାନ ଦୁଇଜଣ ଡାକ୍ତରଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ ।

ଏପରି ନିର୍ଣ୍ଣାୟକ ତଥ୍ୟ ଯାହା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସ୍ୱୀକୃତ, ତାହାକୁ ଦୃଷ୍ଟିରେ ରଖି, ଆମ ମତରେ, ବିଚାର ପାଇଁ ପୁନଃପ୍ରେରଣର କୌଣସି ଆବଶ୍ୟକତା ପଡ଼ିବ ନାହିଁ । ଉପରୋକ୍ତ ନିର୍ଣ୍ଣୟର ସିଦ୍ଧାନ୍ତ ଆବେଦନକାରୀଙ୍କୁ ସ୍ପଷ୍ଟ ଭାବରେ ପ୍ରଯୁଜ୍ୟ ହେବ ।

ଫଳସ୍ୱରୂପ, ଆବେଦନଟି ବିଫଳ ହୋଇ ଖାରଜ ହୁଏ ।

ଟି.ଏନ୍.ଏ.                                                                 ଆବେଦନ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କାରଣ ଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ । "

**ଅନୁବାଦିକା : ଶୁଭଶ୍ରୀ ମିଶ୍ର**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ ,କଟକ**